# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୫.୧୨.୨୦୨୨ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀମତୀ ବିନୟିନୀ ଜେନା, ଚେୟାର୍‌ପରସନ୍,
୨. ଶ୍ରୀ ଶିବ ନାରାୟଣ ରାୟ,
୩. ଶ୍ରୀ ନୃପେଶ କୁମାର ନାୟକ,
୪. ଶ୍ରୀମତୀ ପ୍ରଭାସିନି ମହାନ୍ତି,
୫. ଶ୍ରୀମତୀ ସଞ୍ଜୁକ୍ତା ସୁନ୍ଦରାୟ

ଅଦ୍ୟ ତା ୧୫.୧୨.୨୦୨୨ ରିଖ ଅପରାହ୍ନ ଘ. ୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଗ୍ରୀଭାନ୍‌ସେସ୍ ଆଣ୍ଡ୍ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ବିନୟିନୀ ଜେନା ସଭାପତିତ୍ୱ କରିଥିଲେ। ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ କେଉଁ ୱାର୍ଡ଼ରେ କେତେ କୁକୁର ବନ୍ଧ୍ୟାକରଣ କରାଯାଉଅଛି ତାହାର ତଥ୍ୟ ପ୍ରତି ମାସ ଷ୍ଟାଣ୍ଡିଂ କମିଟି ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ, ଏ.ବି.ସି. ଙ୍କୁ ନିର୍ଦ୍ଦେଶ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳର ରାସ୍ତା ଉପରେ ଘର ମାଲିକ ମାନେ ଗାଡ଼ି ରଖୁଥିବାରୁ ରାସ୍ତା ସଫେଇ ହୋଇପାରୁ ନାହିଁ ଏବଂ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଥିବାର ଅଭିଯୋଗ ଆସୁଅଛି, ତେଣୁ ଯେଉଁମାନେ ରାସ୍ତା ଉପରେ ଗାଡ଼ି ରଖୁଛନ୍ତି ସେମାନଙ୍କ ଠାରୁ ଫାଇନ୍ ଆଦାୟ କରାଯାଉ ଓ ରାସ୍ତା ଉପରୁ ଗାଡ଼ି ଉଠାଇବା ପାଇଁ ମାଲିକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଉ ଏବଂ DCP Traffic ଙ୍କୁ ଏ ବିଷୟରେ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅବଗତ କରାଇବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ନିର୍ଦ୍ଧାରଣ-୧(୩). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଯେଉଁ ସଫେଇ କର୍ମଚାରୀମାନେ ରାତ୍ରି ସମୟରେ ସଫେଇ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଟୋପି, ଡ୍ରେସ୍, ଗ୍ଲୋବ୍‌ସ ଓ ଲାଇଟ୍ ଠିକାଦାରମାନେ ଯୋଗାଉ ନଥିବାରୁ କାର୍ଯ୍ୟ କରିବାରେ ଅସୁବିଧା ହେଉଅଛି ବୋଲି କର୍ମଚାରୀମାନେ ଅଭିଯୋଗ କରୁଛନ୍ତି, ତେଣୁ ଉପରୋକ୍ତ ଜିନିଷ ଗୁଡ଼ିକ ସଫେଇ କର୍ମଚାରୀଙ୍କୁ ଯୋଗାଇ ଦେବାପାଇଁ ସମ୍ପୃକ୍ତ ଠିକାଦାରଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ନିର୍ଦ୍ଧାରଣ-୧(୪). ହକି ବିଶ୍ୱକପ୍ ଭୁବନେଶ୍ୱରରେ ହେବାକୁ ଯାଉଅଛି। ଭୁବନେଶ୍ୱର ମହାନଗର ନିଗମ ହୋଷ୍ଟ୍ ହୋଇଥିବାରୁ ବିଭିନ୍ନ କାର୍ଯ୍ୟ ହାତକୁ ନେଇଛନ୍ତି, ଲୋକମାନଙ୍କ ମଧ୍ୟରେ ସଚେତନ ଏବଂ ଆଗ୍ରହ ବଢାଇବା ପାଇଁ ପ୍ରତ୍ୟେକ ୱାର୍ଡ଼ର ମୁଖ୍ୟ ସ୍ଥାନରେ ଆମ ଭାରତର ହକି ଖେଳାଳି ତଥା ବାହାର ଦେଶର ହକି ଖେଳାଳି ମାନଙ୍କର flex ଲଗାଇବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମାଂଚଳରେ ମଶା ବଂଶ ବୃଦ୍ଧି ହୋଇଗଲାଣି। ସହରର ଜନସାଧାରଣ ଏହାର ପ୍ରତିକାର ପାଇଁ ଅଭିଯୋଗ କରୁଛନ୍ତି, ତେଣୁ ସହରର ଯେଉଁଠାରେ ପାଣି ଜମି ରହୁଅଛି ଓ ସହର ମଧ୍ୟ ଦେଇ ଯାଇଥିବା କେନାଲ୍ ପାର୍ଶ୍ୱ ନାଳ ଗୁଡ଼ିକରେ ମଶା ତେଲ ପକାଇବା ଏବଂ ସନ୍ଧ୍ୟା ଓ ସକାଳେ ନିଗମାଂଚଳରେ ମଶାଧୂଆଁ ଦେବାପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଗୃହ ନିର୍ମାଣ ପାଇଁ ନକ୍ସା ଅନୁମୋଦନ କରିବା ସମୟରେ କେତେକ କ୍ଷେତ୍ରରେ ସରକାରୀ ଜମିକୁ set back area ଦର୍ଶାଇ ପ୍ଲାନ୍ ଅନୁମୋଦନ କରାଯାଉଥିବା ଏବଂ ସମ୍ପୃକ୍ତ ବ୍ୟକ୍ତି ସରକାରୀ ଜମି ଦଖଲ କରି ରଖୁଥିବାର କମିଟିଙ୍କ ଦୃଷ୍ଟିଗୋଚର ହୋଇଅଛି । ଏହି ପରିପ୍ରେକ୍ଷୀରେ ନିଗମାଂଚଳରେ କୌଣସି ଗୃହ ନିର୍ମାଣ ହେଉଥିବା ସମୟରେ କ୍ଷେତ୍ର କର୍ମଚାରୀ ଫିଜିକାଲ୍ ଭେରିଫିକେସନ୍ କରି Approved Plan ର କୌଣସି Deviation ହେଉଥିଲେ, କ୍ଷେତ୍ର କର୍ମଚାରୀମାନେ ODA Act ଅନୁଯାୟୀ ଗୃହକର୍ତ୍ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ନିର୍ଦ୍ଦେଶ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୧୮ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ବିନୟିନୀ ଜେନା
ସଭାପତି
ତା ୧୫.୧୨.୨୦୨୨ ରିଖ